# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 16th November - 2025

*********************************

***Desk***

# କ୍ରୀଡ଼ା ଭିତ୍ତିଭୂମି

ରାଜ୍ୟର ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ମଧ୍ୟ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବାକୁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଉରକେଲାଠାରେ ଅନୁଷ୍ଠିତ ଚତୁର୍ଥ ଜାତୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟସମୂହର କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଦେଶର ସର୍ବାଧିକ ୧୧୪ଟି ଏକଲବ୍ୟ ମଡେଲ୍ ଆଞ୍ଚଳିକ ବିଦ୍ୟାଳୟ ଓଡ଼ିଶାରେ ନିର୍ମାଣପାଇଁ ମଞ୍ଜୁରି ପ୍ରଦାନ କରାଯାଇଛି ଏବଂ ସେଥିରୁ ୧୭ଟି ଜିଲ୍ଲାରେ ୪୭ଟି କାର୍ଯ୍ୟକ୍ଷମ ହୋଇସାରିଛି । ୧୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ସ୍କୁଲ୍‌ଗୁଡ଼ିକରେ ପାଠ ପଢୁଛନ୍ତି । ୨୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫ ହଜାର ୫ ଶହ ପ୍ରତିଯୋଗୀ ଏହି ତିନିଦିନିଆ କ୍ରୀଡ଼ା ପ୍ରତିଯୋଗତାରେ ଯୋଗ ଦେଇଥିଲେ ।

# ଶୂନ୍ୟ ମୃତ୍ୟୁପକ୍ଷ

ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ଲକ୍ଷ୍ୟ ନେଇ ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଶୂନ୍ୟ ମୃତ୍ୟୁପକ୍ଷ ପାଳନ କରାଯାଉଛି । ଟ୍ରାଫିକ୍ ନିୟମର ସଠିକ୍ ପାଳନ ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଉଲ୍ଲଙ୍ଘନ କ୍ଷେତ୍ରରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି, ପ୍ରବର୍ତ୍ତନ, ବୈଷୟିକ, ଶିକ୍ଷା ଏବଂ ଜରୁରୀକାଳୀନ ଚିକିତ୍ସାକୁ ଆଧାର କରି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ପକ୍ଷ ପାଳନର ପ୍ରସ୍ତୁତି ନେଇ ମନ୍ତ୍ରୀ ଶ୍ରୀ ଜେନା ଗତକାଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ୍ ଠାକୁରଙ୍କ ସହ ଅଲୋଚନା କରିଛନ୍ତି ।

ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି ପକ୍ଷ ପାଳନ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ କ୍ରିୟାନୁଷ୍ଠାନ ବୈଠକ ଅନୁଷ୍ଠିତ ହୋଇଯାଇଛି ।

*Desk*

# କୋଷ୍ଟଗାର୍ଡ଼ ବର୍ଥ

ଉପକୂଳ ଅଞ୍ଚଳ ଏବଂ ବନ୍ଦରଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ତଟରକ୍ଷୀ ବାହିନୀ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟର ସବୁ ବନ୍ଦରରେ କୋଷ୍ଟଗାର୍ଡ଼ ବର୍ଥ ସହିତ ପାଟ୍ରୋଲିଂ ଜାହାଜ ମୁତୟନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗୋପାଳପୁର ବନ୍ଦରରେ କୋଷ୍ଟଗାର୍ଡ଼ ଜାହାଜ ମୁତୟନ, ପାରାଦ୍ୱୀପ ବନ୍ଦରରେ କୋଷ୍ଟଗାର୍ଡ଼ ଜାହାଜ ସଂଖ୍ୟା ବୃଦ୍ଧି ଏବଂ ଧାମରା ବନ୍ଦରରେ ଏକ ଡ୍ରୋନ୍ ୟୁନିଟ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି ।

*Desk*

# ଆମ ସୁବାହକ ଯୋଜନା

ରାଜ୍ୟର ମହିଳାଙ୍କ ଆତ୍ମନିର୍ଭରତା ଲକ୍ଷ୍ୟ ନେଇ 'ଆମ ସୁବାହକ' ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଏକ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ଓ ପରିବହନ ବିଭାଗ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ସଦସ୍ୟ ଏବଂ ବ୍ୟାଙ୍କ୍‌ଗୁଡ଼ିକର ପ୍ରତିନିଧିଙ୍କ ମଧ୍ୟରେ ଭୁବନେଶ୍ୱରଠାରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ 'ଆମ ସୁବାହକ' ଯୋଜନାର କାର୍ଯ୍ୟାନ୍ୱୟନ ନେଇ ବିସ୍ତୃତ ଆଲୋଚନା ହୋଇଛି ।

*Desk*

# ଭିନ୍ନକ୍ଷମ ଦିବସ

ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫ ଆସନ୍ତା ପହିଲାରୁ ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ଏହାର ପ୍ରସ୍ତୁତି ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ୍ ପଟ୍ୱାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କ୍ୟାପିଟାଲ୍ ହସ୍ପିଟାଲ୍‌ସ୍ଥିତ ରାଜ୍ୟ ଭିନ୍ନକ୍ଷମ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ଦୃଷ୍ଟିବାଧିତ ମହିଳାଙ୍କୁ ନେଇ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବା ସହ ବିଭିନ୍ନ ପ୍ରଦର୍ଶନୀ ମଣ୍ଡପ ଖୋଲିବାପାଇଁ ନିଷ୍ପତ୍ତି ନିଆଯାଇଛି ।

*Desk*

# ଜାତୀୟ ପ୍ରେସ୍ ଦିବସ

ଜାତୀୟ ପ୍ରେସ୍ ଦିବସ ଆଜି ପାଳନ କରାଯାଉଛି । ୧୯୬୬ ମସିହା ଆଜିର ଦିନରେ କେନ୍ଦ୍ର ସରକାର ଭାରତୀୟ ପ୍ରେସ୍ ପରିଷଦ ଗଠନ କରିଥିଲେ । ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଏବଂ ପ୍ରେସ୍ ପରିଷଦ ହେଉଛି ସମ୍ବାଦପତ୍ରଗୁଡ଼ିକର ନୈତିକ ପ୍ରହରୀ । ପ୍ରେସ୍‌ର ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ କାର୍ଯ୍ୟ

କରିଥାଏ । 'ଡିଜିଟାଲ୍ ଯୁଗରେ ଭାରତର ଚତୁର୍ଥ ସ୍ତମ୍ଭକୁ ସୁଦୃଢ଼ କରିବା' ପ୍ରସଙ୍ଗରେ ଚଳିତ ବର୍ଷର ଆଜିର ଦିବସ ପାଳନ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ଣରେ ଭୁବନେଶ୍ୱର ଜୟଦେବ ଭବନରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ।

***Khurda/R***

## ଏକତା ପଦଯାତ୍ରା

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଖୋର୍ଦ୍ଧାଠାରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବି.ଜେ.ବି. ହାଇସ୍କୁଲ୍ ପଡ଼ିଆଠାରେ ଏହି ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସମେତ ଜିଲ୍ଲାସ୍ତରୀୟ ସରକାରୀ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ 'ଏକ ଭାରତ : ଆତ୍ମନିର୍ଭରଶୀଳ ଭାରତ'ର ଶପଥପାଠ କରିଥିଲେ ।

*Desk*

## ଉତ୍ସାହ-୨୦୨୫

ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ-୨୦୨୫' ଗତକାଲି ଉଦ୍‌ଯାପିତ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଏହି ପାଞ୍ଚଦିନିଆ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

*Desk*

## ଶୀତଲହରୀ

ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତଲହରୀ ବୃଦ୍ଧି ପାଇବା ନେଇ ଝାରସୁଗୁଡ଼ା, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ଦାରିଙ୍ଗିବାଡ଼ିଠାରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା ।

*****